# ଶ୍ରୀଜଗନ୍ନାଥଙ୍କ ନବକଳେବର

'ନବକଳେବର' ଶବ୍ଦଟି ଏକ ସଂସ୍କୃତ ଶବ୍ଦ ଅଟେ । ନବ ଅର୍ଥାତ୍ ନୂତନ ଏବଂ କଳେବର ଅର୍ଥାତ୍ ଶରୀର, ଯାହାର ସାହିତ୍ୟିକ ଅର୍ଥ ହେଉଛି ନୂତନ କଳେବର ଏହା ଏକ ପୁରାତନ ରୀତି ଯାହା ପ୍ରାୟ ସମସ୍ତ ଜଗନ୍ନାଥ ମନ୍ଦିରର ରୀତିନୀତି ସହ ଜଡିତ । ମହାପ୍ରଭୁ ଶ୍ରୀଜଗନ୍ନାଥ, ଶ୍ରୀବଳଭଦ୍ର, ଦେବୀ ସୁଭଦ୍ରା ଏବଂ ଚକ୍ରରାଜ ଶ୍ରୀସୁଦର୍ଶନଙ୍କ ପୁରାତନ ମୂର୍ତ୍ତି ସ୍ଥାନରେ ନୂତନ ବିଗ୍ରହଙ୍କ ମୂର୍ତ୍ତି ପ୍ରତିଷ୍ଠା ହେବା ପ୍ରକ୍ରିୟା ହେଉଛି ନବକଳେବର । ଭାରତରେ ଥିବା ମନ୍ଦିରଗୁଡିକରେ ଯେଉଁଠି ମୂର୍ତ୍ତି ପୂଜା ହୋଇଥାଏ, ସେଠାରେ ମୂର୍ତ୍ତିଗୁଡିକର ପରିବର୍ତ୍ତନ ପ୍ରକ୍ରିୟା ପ୍ରଚଳିତ ଥାଏ ।

ଏହି ଉତ୍ସବଟି ଯୋଡା ଆଷାଢ ମାସ ପଡିବା ଉପରେ ନିର୍ଭର କରିଥାଏ । ହିନ୍ଦୁ ପଂଜିକା ଅନୁଯାୟୀ ଯେଉଁ ମାସରେ ଯୋଡା ଆଷାଢ ପଡେ, ସେହି ମାସଟିକୁ ଉକ୍ତ ଉତ୍ସବ ପାଳନ ସକାଶେ ଅତି ପବିତ୍ର ମାସ ରୂପେ ଗଣାଯାଇଥାଏ । ଏହା ସାଧାରଣତଃ ପ୍ରତି ବାର ବର୍ଷରୁ ଊଣେଇଶ ବର୍ଷ ମଧ୍ୟରେ ପଡିଥାଏ । ୧୫୦୦ ମସିହାରୁ ଏହି ଉତ୍ସବ ଜଗନ୍ନାଥ ସଂସ୍କୃତିର ଏକ ଅବିଚ୍ଛେଦ୍ୟ ଅଙ୍ଗ ପାଲଟିଯାଇଛି ।

ଦାରୁବ୍ରହ୍ମ ରୂପେ ପରିଚିତ ଶଙ୍ଖ, ଚକ୍ର, ଗଦା ଓ ପଦ୍ମ ଚିହ୍ନିତ ଏକ ସ୍ୱତନ୍ତ୍ର ଧରଣର ନିମ ବୃକ୍ଷରୁ ମୂର୍ତ୍ତିଗୁଡିକ ଗଢାଯାଇଥାଏ । ଏହି ଉତ୍ସବ ନିମନ୍ତେ ଚୈତ୍ର ମାସରୁ ପ୍ରସ୍ତୁତି ଆରମ୍ଭ ହୁଏ । ନିକଟରେ ୨୦୧୫ ମସିହାରେ ନବକଳେବର ଅନୁଷ୍ଠିତ ହୋଇଯାଇଛି ।

ଏହି ଉତ୍ସବର ଆରମ୍ଭରୁ ନୂତନ ଦିଅଁ ଗଢା ହୋଇ ରଥଯାତ୍ରା ପ୍ରସ୍ତୁତି ପର୍ଯ୍ୟନ୍ତ ରୀତିନୀତିର ୪ଟି ସ୍ୱତନ୍ତ୍ର ପର୍ଯ୍ୟାୟ ଆମେ ଦେଖିବାକୁ ପାଇଥାଉ । ସେଗୁଡିକ ହେଲା, (୧) ଦାରୁ ଅନ୍ୱେଷଣ, (୨) ଦାରୁ ବିଗ୍ରହ ନିର୍ମାଣ, (୩) ମୂର୍ତ୍ତିଗୁଡିକର ପ୍ରତିଷ୍ଠା ଏବଂ ସେଗୁଡିକ ମଧ୍ୟରେ ବ୍ରହ୍ମ ପଦାର୍ଥ ସ୍ଥାପନ ଓ (୪) ବିଗ୍ରହମାନଙ୍କ ଆକାରରେ ଶେଷ ସ୍ପର୍ଶ ପ୍ରଦାନ ।

ଦାରୁ ବୃକ୍ଷ ସନ୍ଧାନ ନିମନ୍ତେ ବନଜାଗ ଦଳ ଗଠନରୁ ମହାପ୍ରଭୁଙ୍କର ନବକଳେବର ମହୋତ୍ସବ ଆରମ୍ଭ ହୁଏ । ଏହି ବନଜାଗ ଦଳଟି ପତି ମହାପାତ୍ର ପରିବାରରୁ ଜଣେ, ୨୦ ଜଣ ଦଇତାପତି, ଜଣେ ଲେଙ୍କା, ୯ ଜଣ ମହାରଣା, ୧୬ ଜଣ ବ୍ରାହ୍ମଣ, ୩ ଜଣ ଦେଉଳକରଣ ସଦସ୍ୟ, ୩୦ ପୋଲିସ୍ ଅଧିକାରୀ ଏବଂ ୨ ଜଣ ପୋଲିସ୍ ଇନ୍ସପେକ୍ଟର୍‌ଙ୍କୁ ନେଇ ଗଠିତ ହୋଇଥାଏ ।

**ଦାରୁ ଲକ୍ଷଣ**

| **ବିଗ୍ରହ** | **ରଙ୍ଗ** | **ଶାଖା** | **ଚିହ୍ନ** |
|---|---|---|---|
| ଜଗନ୍ନାଥ | କଳା | ୪ | ଶଙ୍ଖ ଚକ୍ର |
| ବଳଭଦ୍ର | ଧଳା | ୭ | ହଳ ମୂଷଳ |
| ସୁଭଦ୍ରା | ହଳଦିଆ | ୫ | ପାଂଚଗୋଟି ପାଖୁଡା ସହ ପଦ୍ମଫୁଲ |
| ସୁଦର୍ଶନ | ଲାଲ୍ | ୩ | ଚକ୍ର |

ବିଭିନ୍ନ ଆବଶ୍ୟକତା ପୂରଣ ସହ ଦାରୁ ବୃକ୍ଷ ଚିହ୍ନଟ ହେଲା ପରେ, ଏହା ସମ୍ମୁଖରେ ହୋମଯଜ୍ଞ ଅନୁଷ୍ଠିତ ହୋଇଥାଏ । ଦାରୁ ଛେଦନ ପ୍ରକ୍ରିୟା ନିର୍ଦ୍ଦିଷ୍ଟ ରୀତିନୀତିପୂର୍ବକ ଶୁଭ ସମୟରେ ଆରମ୍ଭ କରାଯାଇଥାଏ । ପତି ମହାପାତ୍ର ପ୍ରଥମେ ସ୍ୱର୍ଣ୍ଣ କୁରାଢୀରେ ଦାରୁ ବୃକ୍ଷକୁ ସ୍ପର୍ଶ କରିଥାନ୍ତି । ତତ୍‌ପରେ ଦଇତାପତି ରୂପା ନିର୍ମିତ କୁରାଢୀରେ ଉକ୍ତ ଦାରୁ ବୃକ୍ଷକୁ ସ୍ପର୍ଶ କରନ୍ତି । ଶେଷରେ ମହାରଣା ପରିବାରର ମୁଖ୍ୟ ବଢେଇ ଲୌହ ନିର୍ମିତ କୁରାଢୀରେ ଏହି ଦାରୁବୃକ୍ଷକୁ ସ୍ପର୍ଶ କରିଥାନ୍ତି । ଦାରୁ ବୃକ୍ଷ ଛେଦନ କାଳରେ ପ୍ରଭୁଙ୍କର ୧୦୮ ନାମ ଉଚ୍ଚାରଣ କରାଯାଇଥାଏ । ଚଉପଟ ହୋଇଥିବା କାଷ୍ଠ ଗଣ୍ଡିଗୁଡ଼ିକୁ ଶ୍ରୀମନ୍ଦିର ଭିତରେ ଥିବା 'କୋଇଲି ବୈକୁଣ୍ଠ'ଠାରେ ରଖାଯାଏ । ଏହି କୋଇଲି ବୈକୁଣ୍ଠ ହେଉଛି ସେହି ସ୍ଥାନ ଯେଉଁଠି ପୁରାତନ ବିଗ୍ରହଙ୍କୁ ସଂସ୍କାର କରି ନୂତନ ବିଗ୍ରହ ନିର୍ମାଣ ହୋଇଥାଏ ।

ନୂତନ ବିଗ୍ରହ ନିର୍ମାଣ ପରେ ସେଗୁଡ଼ିକୁ ଶ୍ରୀମନ୍ଦିର ଭିତରକୁ ନିଆଯାଇଥାଏ । ଦଇତାପତି ହେଉଛନ୍ତି ମହାପ୍ରଭୁ ଜଗନ୍ନାଥଙ୍କର ପ୍ରଥମ ପୂଜକ । ପ୍ରସିଦ୍ଧ ରଥଯାତ୍ରାର ୩ ଦିନ ପୂର୍ବରୁ ଏହି ଉତ୍ସବ ଅନୁଷ୍ଠିତ ହୁଏ । ଏହି ପ୍ରକ୍ରିୟା ସଂପୂର୍ଣ୍ଣ ହେବା ପରେ ବ୍ରହ୍ମ ପଦାର୍ଥ ପୁରାତନ ବିଗ୍ରହଙ୍କଠାରୁ ଆଣି ନୂତନ ବିଗ୍ରହଙ୍କ ମଧ୍ୟରେ ସ୍ଥାପନ କରାଯାଇଥାଏ । ଏହି କାର୍ଯ୍ୟଗୁଡ଼ିକ ସ୍ୱତନ୍ତ୍ର ରୀତିନୀତି ମଧ୍ୟରେ ପାଳନ କରାଯାଇଥାଏ । ମଧ୍ୟ ରାତ୍ରରେ ପୁରାତନ ବିଗ୍ରହଗୁଡ଼ିକୁ ଦଇତାପତିଙ୍କ କାନ୍ଧରେ ବୁହାଯାଇ ପାହାନ୍ତିଆ ପୂର୍ବରୁ ସେଗୁଡ଼ିକୁ କୋଇଲି ବୈକୁଣ୍ଠଠାରେ ସଂସ୍କାର କରାଯାଇଥାଏ । ଦ୍ୱିତୀୟ ଦିବସର ପ୍ରଭାତରେ ନୂତନ ବିଗ୍ରହଙ୍କୁ ରତ୍ନ ସିଂହାସନରେ ଅଧିଷ୍ଠିତ କରାଯାଏ । ଏଥିସହିତ ୫୮ ଦିନର ବ୍ୟବଧାନରେ ଶ୍ରୀମନ୍ଦିରର ଦୈନିକ ରୀତିନୀତି ଅନୁଷ୍ଠିତ ହୁଏ । ତୃତୀୟ ଦିବସରେ ନୂତନ ବିଗ୍ରହ ତାଙ୍କର ରଥଯାତ୍ରା ନିମନ୍ତେ ଶ୍ରୀମନ୍ଦିରରୁ ବାହାରିଥାଆନ୍ତି । ସାରା ବିଶ୍ୱରୁ ଲକ୍ଷଲକ୍ଷ ଜନତା ଏହି ନବକଳେବର ଦର୍ଶନ ନିମନ୍ତେ ଶ୍ରୀକ୍ଷେତ୍ର ପୁରୀରେ ସମବେତ ହୋଇଥାନ୍ତି ।




**ଭକ୍ତମାନଙ୍କ ଗହଣରେ ଦାରୁଯାତ୍ରା**

❖ ❖ ❖